**ବିଷାକ୍ତ ଛତୁ ଖାଇ ୬ ଅସୁସ୍ଥ**
ଉମରକୋଟ,(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଜନ୍ଦ୍ରିଗୁଡ଼ା ଗ୍ରାମରେ ବିଷାକ୍ତ ଛତୁ ଖାଇ ସୋମବାର ୬ ଜଣ ଅସୁସ୍ଥ ହୋଇ ଉମରକୋଟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ମଙ୍ଗଳବାର ସକାଳେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଛି। ଅସୁସ୍ଥମାନେ ହେଲେ ଶୁକ ଦାସ ମାଝି(୫୦), ଈଶ୍ୱର ମାଝି (୭୦), ସହଦେବ ଗଣ୍ଡ (୭୫), କମଲୁ ମାଝି (୪୫)ଙ୍କ ସମେତ ୨ ଶିଶୁ। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି ବୋଲି ଡାକ୍ତର କହିଛନ୍ତି।

## ସଂକ୍ଷେପରେ

### ଗ୍ୟାସ୍ ଟାଙ୍କି ଫାଟି ଉଡ଼ିଗଲା ଆଜବେଷ୍ଟସ୍, ଜଳିଗଲା ଆସବାବପତ୍ର

ଝରିଗାଁ, ୨୮।୯(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାର ଉଦଳିଆଗୁଡ଼ାରେ ରନ୍ଧନ ଗ୍ୟାସ୍ ଟାଙ୍କି ଫାଟି ନିଆଁ ଲାଗି ଏକ ଘରର ଛାତ ଉଡ଼ିଯିବା ସହ ଆସବାବପତ୍ରରେ ନିଆଁ ଲାଗି ପୋଡ଼ିଯାଇଛି। ପରିବାର ଲୋକେ କିନ୍ତୁ ଏକ ବଡ଼ ବିପଦରୁ ବର୍ତ୍ତିଯାଇଛନ୍ତି। ଗାଁର କାଳିଆ ଗୌଡ଼ ବୁଧବାର ସକାଳେ ଚା' କରିବା ପାଇଁ ଗ୍ୟାସ୍ ଲଗାଇଥିଲେ। ତେବେ ଗ୍ୟାସ୍ ପାଇପରେ ଲିକ୍ ଥିବାରୁ ପ୍ରଥମେ ପାଇପ୍ ଓ ପରେ ରେଗୁଲେଟରରେ ନିଆଁ ଲାଗିଯାଇଥିଲା। ଏହା ଦେଖି ପରିବାର ଲୋକେ ବାହାରକୁ ଦୌଡ଼ି ଆସିଥିଲେ। ସେହିପରି ରେଗୁଲେଟରରେ ନିଆଁ ଲାଗିବା ପରେ ସେହି ଘରେ ଥିବା ଲୁଗାପଟା ସହ ଆସବାବପତ୍ରରେ ମଧ ନିଆଁ ଲାଗିଯାଇଥିଲା। ଏପରିକି ଛାତ ତଳେ ଥିବା କାଠଗୁଡ଼ିକ ମଧ ନିଆଁ ଲାଗିଯାଇଥିଲା। ଗରମ ହେବା ପରେ ସିଲିଣ୍ଡର ଫାଟିଯାଇଥିଲା। ଫଳରେ ଘର ଉପରେ ଥିବା ପ୍ରାୟ ୭ଟି ଆଜବେଷ୍ଟ ଉଡ଼ିଯାଇଥିଲା। ଶବ୍ଦ ଶୁଣି ସାହି ପଡ଼ିଶା ଘଟଣାସ୍ଥଳରେ ପହଞ୍ଚି ଝରିଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଡାବୁଗାଁ, ୨୮।୯ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବଡଓଲମା ପଞ୍ଚାୟତ ସଦର ମହକୁମାରେ ଡାବୁଗାଁ ବ୍ଲକ ପରିମଳ ମିଶନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପରିସର ଓ ମୁଖ୍ୟ ରାସ୍ତା କଡ ଡ୍ରେନ ସଫା କରାଯାଇଥିଲା। ପ୍ଲାଷ୍ଟିକ ବ୍ୟବହାର ରୋକିବା, ପାଇଖାନା ବ୍ୟବହାର ସହ ପରିବେଶକୁ ସ୍ୱଚ୍ଛ ରଖିବା ବାର୍ତ୍ତା ନେଇ ଏକ ରାଲି ଗର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଡାବୁଗାଁ ବ୍ଲକ ରିସର୍ଚ୍ଚ କୋଅର୍ଡିନେଟର ମାନସ ମୁଖାର୍ଜୀ, ବଡଓଲମା ସରପଞ୍ଚ ବୁଦାଇ ଭତ୍ରା, ମାଷ୍ଟର ଟ୍ରେନର ଧନିରାମ ହରିଜନ, ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଅନୁସୟା ମାଝି ଏସ୍‌ଡିସି ଅଧକ୍ଷା

ରାୟଗଡ଼ା ଅଫିସ,୨୮।୯- ରାୟଗଡ଼ା ଜିଲା ମହିଳା ବିଜେଡିର ସଭାନେତ୍ରୀ ଅନୁସୟା ମାଝିଙ୍କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ଅଧକ୍ଷା ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବନମାଳୀ କାଡ୍ରାକାଙ୍କୁ ଉପାଧକ୍ଷ ରୂପେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଏ ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଅନୁସୟା କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଦଳ ତାଙ୍କ ଉପରେ ଭରସା କରି ବିଜେଡି ମହିଳା ସଭାନେତ୍ରୀ ରୂପେ ଦାୟିତ୍ୱ ଦେଇଛି। ତେବେ ଏସ୍‌ଡିସି ଅଧକ୍ଷ ଏବଂ ଉପାଧକ୍ଷ ପଦ ଦୀର୍ଘଦିନ ହେଲା ଖାଲି ପଡ଼ିଥିବାବେଳେ ଏହାକୁ ନେଇ ଛକାପଞ୍ଝା ଲାଗି ରହିଥିଲା।

### ମୂର୍ତ୍ତି ବିସର୍ଜନ ନେଇ ପ୍ରଶାସନ ପକ୍ଷରୁ ବୈଠକ

ଗୁଣପୁର,୨୮।୯(ଡି.ଏନ୍.ଏ.)-ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ମୂର୍ତ୍ତି ବିସର୍ଜନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗକୁ ପାର୍ବଣ ଋତୁ ଥିବାରୁ ବିଭିନ୍ନ ମଣ୍ଡପରେ ମାଁ ଦୁର୍ଗା, ଗଜଲକ୍ଷ୍ମୀ ଏବଂ କାଳୀଙ୍କ ପୂଜା ଅନୁଷ୍ଠିତ ହେବ। ପୂଜା ସରିବା ପରେ ମୂର୍ତ୍ତି ବିସର୍ଜନ କିପରି ଏବଂ କେଉଁଠାରେ କରାଯିବ ସେ ନେଇ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ଗୌରି ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ମୂର୍ତ୍ତିର ଉଚ୍ଚତା ୨୦ ଫୁଟ, କଞ୍ଚାମାଟି, ପାଣି ରଙ୍ଗ ବ୍ୟାବହର କରିବା ନେଇ ପୂଜା କମିଟିର କର୍ମକର୍ତ୍ତାଙ୍କୁ କୁହାଯାଇଛି। ସେହିପରି ପ୍ରଶାସନ ପକ୍ଷରୁ ଚିହ୍ନଟ ସ୍ଥାନରେ ବିସର୍ଜନ କରାଯିବାକୁ ପୋଲିସ, ବିଡିଓ, ତହସିଲଦାର ଏବଂ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଗୁଣପୁର ଉପଖଣ୍ଡର ବିଭିନ୍ନ ପୂଜା କମିଟି ସଦସ୍ୟ, ତହସଲିଦାର, ବିଡିଓ, ଆଇଆଇସି, ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

### ଦେଶୀ, ବିଦେଶୀ ମଦ ଜବତ, ୨ ଗିରଫ

ଟିକିରି,୨୮।୯(ଡି.ଏନ୍.ଏ.)-କାଶିପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଦେଶୀମଦ କାରବାର ବଢ଼ୁଛି। ବାରମ୍ବାର ଅଭିଯୋଗ ପରେ ବୁଧବାର ଟିକିରି ପୋଲିସ ପକ୍ଷରୁ ତୁଳଛପର ଗ୍ରାମରେ ଚଢ଼ାଉ କରାଯାଇ ଗାଁର ପ୍ରସାଦ ମାଝିଙ୍କ ଠାରୁ ୨୦ ଲିଟର ଦେଶୀମଦ ଓ ୮ ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେହିପରି ଟିକିରି ଝୋଡ଼ିଆ ସାହିର ଧୋବା ଝୋଡ଼ିଆଙ୍କ ନିକଟରୁ ୨୦ ଲିଟର ମଦ ଜବତ କରାଯାଇଛି। ମୋଟ ୪୮ ଲିଟର ମଦ ଜବତ କରାଯିବା ସହ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ୧୨୫/୨୨ ଏବଂ ୧୨୬/୨୨ ରେ ଦୁଇଟି ମାମଲା ରୁଜୁ ହୋଇଛି।

# ଋଣମେଳାରେ ୨୮୭ ଏସ୍‌ଏଚ୍‌ଜିଙ୍କୁ ୫ କୋଟି ଋଣ

ମାଲକାନଗିରି,୨୮।୯(ସ୍ୱ.ପ୍ର.)

କେନ୍ଦ୍ର ତଥା ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତୀକରଣ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମହିଳାଙ୍କୁ ବିଭିନ୍ନ ପ୍ରକଳ୍ପ ତଥା ଚାଷ ନିମନ୍ତେ ଋଣ ପ୍ରଦାନ କରି ସ୍ୱାବଲମ୍ବୀ କରାଯାଉଛି। ମାଲକାନଗିରିରେ ବୁଧବାର ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୨୮୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ୫ କୋଟି ୯୪ ଲକ୍ଷ୍ୟ ୧୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ଏହି ଋଣ ମେଳାରେ ବ୍ୟାଙ୍କ ଅଫ୍ ବରୋଦା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ, ୟୁନିୟନ ବ୍ୟାଙ୍କ, କେସିସି ବ୍ୟାଙ୍କ, ୟୁଜିବି ସାମିଲ ହୋଇଥିଲେ। ବ୍ୟାଙ୍କ ଅଫ୍



ଋଣମେଳାରେ ଉପସ୍ଥିତ ଅତିଥିମାନେ ।

ବରୋଦା ୪୧ଟି ଏସ୍‌ଏଚ୍‌ଜିଙ୍କୁ ୪୦ ଲକ୍ଷ ଟଙ୍କା ଋଣ ଦେଇଥିବା ବେଳେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୬ ଏସ୍‌ଏଚ୍‌ଜିଙ୍କୁ ୩୩ ଲକ୍ଷ, ଇଣ୍ଡିଆନ ବ୍ୟାଙ୍କ ୩୯ ଏସ୍‌ଏଚ୍‌ଜିଙ୍କୁ ୮୧ ଲକ୍ଷ ୫୦ ହଜାର, ଷ୍ଟେଟ୍‌ବ୍ୟାଙ୍କ ୪୦ ଏସ୍‌ଏଚ୍‌ଜିଙ୍କୁ ୭୦ ଲକ୍ଷ, ବ୍ୟାଙ୍କ ଅଫ ବରୋଦା ମାର୍କାପଲ୍ଲୀ ଶାଖା ୧୫ ଏସ୍‌ଏଚ୍‌ଜିଙ୍କୁ ୩୦ ଲକ୍ଷ ,ୟୁନିୟନ ବ୍ୟାଙ୍କ ୫୨ ଏସ୍‌ଏଚ୍‌ଜିଙ୍କୁ ୭୩ ଲକ୍ଷ ,ସେଣ୍ଟ୍ରାଲ ବ୍ୟାଙ୍କ ୫ ଏସ୍‌ଏଚ୍‌ଜିଙ୍କୁ ୧୫ ଲକ୍ଷ, ୟୁକୋ ବ୍ୟାଙ୍କ ୧୦ ଏସ୍‌ଏଚ୍‌ଜିଙ୍କୁ ୨୦ ଲକ୍ଷ ,କେସିସି ବ୍ୟାଙ୍କ ୭ ଏସ୍‌ଏଚ୍‌ଜିଙ୍କ ୧୭ ଲକ୍ଷ ୫୦ ହଜାର , ୟୁଜିବି ୨୩ ଏସ୍‌ଏଚଜିଙ୍କୁ ୪୧ ଲକ୍ଷ ୨୦ ହଜାର, ୟୁଜିବି ପଦ୍ମଗିରି ଶାଖା ୩୦ ଏସ୍‌ଏଚ୍‌ଜିଙ୍କୁ ୪୪ ଲକ୍ଷ ୯୦ ହଜାର , ୟୁଜିବି ଶିଖପଲ୍ଲୀ ଶାଖା ୧୫ ଏସ୍‌ଏଚ୍‌ଜିଙ୍କୁ୧୭ ଲକ୍ଷ, କାନାରା ବ୍ୟାଙ୍କ ୪ ଏସ୍‌ଏଚ୍‌ଜିଙ୍କୁ ୧୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଛି। ଏହି ଅବସରରେ ମୁଖ୍ୟ ଜିଲା ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜିଲା ପରିଷଦ ସଭ୍ୟ, ମାଲକାନଗିରି ପିଡି ବାଲ୍ ମୁକୁନ୍ଦ ଭୂୟାଁ, ପଞ୍ଚାୟତ ସମିତି ଅଧକ୍ଷା ଗୌରୀ ପଡିଆମୀ,ବିଡିଓ ଅଜୟ ପ୍ରଧାନ, ବାଲାଜୀ ପଟ୍ଟନାୟକ, ଓଡ଼ିଶା ଜୀବିକା ମିଶନର ଜିଲା ସଂଯୋଯୋକ ପବିତ୍ର ମୋହନ ବାରା, ଓଏଲ୍‌ଏମ୍ ଜିଲା ସଂଯୋଜକ ନିରଞ୍ଜନ ତାଙ୍ଗାରାଙ୍ଗା, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ବିପୁଳା କୁମାରୀ ସରଦାରଙ୍କ ସହ ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ, କର୍ମଚାରୀ ଉପସ୍ଥିତ ଥିଲେ ।

## ସାହାରା ଇଣ୍ଡିଆ ବନ୍ଦ ସତ୍ତ୍ୱେ ଟଙ୍କା ଆଦାୟ କରୁଛନ୍ତି ଏଜେଣ୍ଟ

ମାଲକାନଗିରି,୨୮।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ସାହାରା ଇଣ୍ଡିଆ ପରିବାର ବନ୍ଦ ହୋଇଯାଇ ଥିଲେ ମଧ ଏହାର ଏଜେଣ୍ଟମାନେ ଗ୍ରାମାଞ୍ଚଳରେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଲୋକେ ସେମାନଙ୍କ ମାଚ୍ୟୁରିଟି ଟଙ୍କା ମାଗିଲେ ସେମାନଙ୍କୁ ଗାଳିଗୁଲଜ କରୁଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସଦର ବ୍ଲକ ତମସା ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୭ ଗ୍ରାମରେ। ଏହାର ପ୍ରତିବାଦରେ ବୁଧବାର ଗ୍ରାମବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଖବରରୁ ଜଣାପଡିଛି, ଆଜକୁ ବହୁମାସ ହେଲା ସାହାରା ଇଣ୍ଡିଆ ସଂସ୍ଥା ବନ୍ଦ ହୋଇଯାଇଛି। ମାତ୍ର ଏମ୍‌ଭି-୭ ଗ୍ରାମରେ ୨ଜଣ ଏଜେଣ୍ଟ ସାହାରା ବହି ଦେଖାଇ ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଟଙ୍କା ଆଦାୟ କରି ସେମାନେ ଜମାକାରୀଙ୍କୁ ଜମାଖାତା ଦେଉନାହାନ୍ତି କି ନେଉଥିବା ଟଙ୍କାର ରସିଦ୍ ଦେଉନାହାନ୍ତି। ରସିଦ ମାଗିଲେ ବିଭିନ୍ନ ବାହାନା କରୁଛନ୍ତି। ଯଦି କେହି ଟଙ୍କା ନ ଦେଲେ ତେବେ ପୂର୍ବରୁ ବାନ୍ଧିଥିବା ଟଙ୍କା ବୁଡ଼ିଯିବ କହି ଲୋକଙ୍କୁ ଡରାଉଛନ୍ତି। ଏହର ପ୍ରତିବାଦରେ ଏମ୍‌ଭି- ୭ ଗ୍ରାମର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ସେମାନଙ୍କୁ ନ୍ୟାୟ ପ୍ରଦାନ ଲାଗି ଅନୁରୋଧ କରିଛନ୍ତି।

# ଶହୀଦ ଭଗତ ସିଂଙ୍କ ଜୟନ୍ତୀ

ଜୟପୁର,୨୮।୯ (ନି.ପ୍ର.)




ଶହୀଦ ଭଗତ ସିଂଙ୍କ ୧୧୬ତମ ଜୟନ୍ତୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲା ପକ୍ଷରୁ ବୁଧବାର ରାମକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨୩ତମ ରାଜ୍ୟ ସମ୍ମିଳନୀରେ ଅବିଭକ୍ତ କୋରାପୁଟ ଜିଲାରୁ ପ୍ରଥମ କରି ପାର୍ଟିର ରାଜ୍ୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିବା ପ୍ରମୋଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶହୀଦ ଭଗତ ସିଂଙ୍କ ଜନ୍ମ ୧୯୦୭ ସେପ୍ଟେମ୍ବର ୨୮ରେ ସେତେବେଳର ପାକିସ୍ତାନରେ ଥିବା ପଞ୍ଜାବ ପ୍ରଦେଶର ଲୟାଲପୁର ଜିଲାର ବାଙ୍ଗା ଗ୍ରାମରେ ହୋଇଥିଲା । ଜାଲିଆନାୱାଲାବାଗ ହତ୍ୟାକାଣ୍ଡର କରୁଣ ଘଟଣା ତାଙ୍କୁ ବ୍ୟଥିତ କରିଥିଲା । ସାଇମନ କମିଶନ ଫେରିଯାଅ ଡାକରା ଦେଇ ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟ ବିରୋଧ କରୁଥିବା ବେଳେ ସେ ବ୍ରିଟିଶ ପୋଲିସର ଲାଠିମାଡରେ ଗୁରୁତର ହୋଇ ପ୍ରାଣ ହରାଇଥିଲେ। ଏହି ଘଟଣାରେ କ୍ଷୁବ୍ଧ ଯୁବକ ଭଗତ ସିଂ ବ୍ରିଟିଶ ଅଫିସର ସାଣ୍ଡର୍ସ ବିରୋଧରେ ପ୍ରତିଶୋଧ ନେବାକୁ ପଣ କରିଥିଲେ। ଭଗତ ସିଂ ସେହି ଅଳ୍ପ ବୟସରେ ହିନ୍ଦୁସ୍ଥାନୀ ରିପବ୍ଲିକାନ ଆସୋସିଏଶନ କରି ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଦୃଢ଼ ଭାବେ ଲଢିଥିଲେ। ଖୁବ୍ ଅଳ୍ପ ମାତ୍ର ୨୩ ବର୍ଷ ବୟସରେ ସେ ଶହୀଦ ହୋଇଥିଲେ ମଧ୍ୟ ସାରା ଭାରତର ଯୁବସମାଜକୁ ଅନ୍ୟାୟ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଇନ୍ କିଲାବ ଜିନ୍ଦାବାଦ ନାରାକୁ ଏପର୍ଯ୍ୟନ୍ତ ଜୀବନ୍ତ କରି ପ୍ରେରଣା ଯୋଗାଇ ଚାଲିଛନ୍ତି ବୋଲି ଉପସ୍ଥିତ ଅତିଥି ପ୍ରମୋଦ ମହାନ୍ତି ପ୍ରକାଶ କରିଥିଲେ। ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଆଗାମୀ ଦିନରେ ପ୍ରତ୍ୟେକ ଶାଖାକୁ ସଙ୍ଗଠିତ କରିବା ସହ ଜନସାଧାରଣଙ୍କ ସମସ୍ୟା ନେଇ ଲଗାତର ଗଣ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। କାଗଜକଳକୁ ସ୍ୱାଭାବିକ ଭାବେ ଚଳେଇବା, ଶ୍ରମିକଙ୍କ ବକେୟା ପାଉଣା ଏବଂ ପୂର୍ଣ୍ଣ ଦରମା ଦେବା, ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ମର୍ଯ୍ୟାଦାପୂର୍ଣ୍ଣ ଭାବେ ପୁନଃ ଅବସ୍ଥାପିତ କରିବା, ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଏବଂ ଜଗନ୍ନାଥ ସାଗର ନୀଳକଣ୍ଠସାଗର ସମେତ ମ୍ୟୁନିସିପାଲିଟିର ସମସ୍ୟା ନେଇ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଏହି ଅବସରରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାରା ଜାନୀ, ସତ୍ୟବ୍ରତ ନନ୍ଦ, ନନ୍ଦ ହରିଜନ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ସ୍ୱାସ୍ଥ୍ୟସେବା ନେଇ ଆନ୍ଦୋଳନ କରିବ କଂଗ୍ରେସ

କୋରାପୁଟ,୨୮।୯(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ସ୍ୱାସ୍ଥ୍ୟସେବା ନେଇ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ। ଏନେଇ ସ୍ଥାନୀୟ ମାଳିସାହି ଯୁବକ ସଂଘ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଆସନ୍ତା ୧୫ ଦିନ ମଧରେ ମେଡିକାଲ କଲେଜର ବିଭିନ୍ନ ସମସ୍ୟା ସମାଧାନ ନ ହେଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ। ଏଥିସହ ମେଡିକାଲ କଲେଜରେ ତାଲା ପକାଇବ ବୋଲି ଦଳର ବରିଷ୍ଠ ନେତା କୃଷ୍ଣ କୁଲଦୀପ ପ୍ରକାଶ କରିଛନ୍ତି। ମେଡିକାଲରେ ଶଯ୍ୟା ସଂଖ୍ୟା ୫ଶହକୁ ବୃଦ୍ଧି କରିବା, ଆଇସିୟୁ ସଂଖ୍ୟା ୨୦କୁ ବୃଦ୍ଧି କରିବା, ମେଡିକାଲ ପରିବେଶ ସଫାସୁତୁରା ରଖିବା, ଆବଶ୍ୟକ ଡାକ୍ତର ଓ କର୍ମଚାରୀ ସଂଖ୍ୟା ବୃଦ୍ଧି କରିବା ନେଇ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ନଗରପାଳ ଭଗବାନ ବାହିନୀପତି, ଏମ୍‌ପି ପ୍ରତିନିଧି ବାବୁଲା ବେନିଆ, ଆଇନଜୀବୀ ମନୋଜ ଆଚାର୍ଯ୍ୟ, ବ୍ଲକ କଂଗ୍ରେସ ସଭାପତି ରମେଶ ବାଖ୍ୟା, ନଗର ସଭାପତି ଜୟନ୍ତ କଟିମ, ପୂର୍ବତନ ଉପନଗରପାଳ ଜି. ବିଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଏମ୍‌ଭି ୭୯,୨୮।୯(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକର ୨୩ଟି ପଞ୍ଚାୟତର ବିଭିନ୍ନ ଗ୍ରାମ ଗୁଡିକରେ ସଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଏହା ଚାଲିବ। କାଲିମେଲା ବିଡିଓ ଉମାଶଙ୍କର ଦଲେଇଙ୍କ ତତ୍ତ୍ୱାବଧାନରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ ଯନ୍ତ୍ରୀ ସୁକୁମାର ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ବିଭିନ୍ନ ଗ୍ରାମରେ ସଚେତନତା ସୃଷ୍ଟି କରୁଛନ୍ତି। ବୁଧବାର ଭୁବନପଲ୍ଲୀ, ମୋଟୁ, ମାଲାଭରମ, ଲୁଗେଲ, ମହାରାଜ ପଲ୍ଲୀ, ତାଣ୍ଡବାଇ, ପୁଷୁଗୁଡା, ନାଲାଗୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୈଠକ ଆୟୋଜନ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ବିଡିଓ ଦଲେଇ ଓ ଯନ୍ତ୍ରୀ ପ୍ରଧାନ ଗ୍ରାମ୍ୟ ପରିବେଶକୁ ନିର୍ମଳ ରଖିବା ଏକ ଶପଥପାଠ କରାଇଥିଲେ।

## ମୁଦୁଲିପଡ଼ାରେ ମିଳିତ ଅଭିଯୋଗ ଶୁଣାଣି

ମାଲକାନଗିରି,୨୮।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ବଣ୍ଡା ଉନ୍ନୟନ ସଂସ୍ଥା ପରିସରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଶାଲ ସିଂଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଦୁଲିପଡ଼ା ଅଞ୍ଚଳର ବହୁ ଜନସାଧାରଣ ନିଜ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏଥିସହ ବଣ୍ଡାଘାଟିର ବିଭିନ୍ନ ସମସ୍ୟା ପାନୀୟ ଜଳ, ରାସ୍ତାଘାଟ ନେଇ ମଧ ଅଭିଯୋଗ କରିଥିଲେ। ଜିଲାପାଳ ସିଂ ତୁରନ୍ତ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଆଶିଷ ଯୁବ ବିଜେଡି ସଭାପତି, ଅରୁଣ ଜିଲା ଉପ ସଭାପତି

ଦଶମନ୍ତପୁର,୨୮।୯ ( ଡି.ଏନ. ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଯୁବ ବିଜେଡି ସଭାପତି ଭାବେ ଆଶିଷ କୁମାର ଚେଟୀ ଏବଂ ବ୍ଲକ ଉପାଧକ୍ଷ ଅରୁଣ ଚେଟୀଙ୍କୁ ଜିଲା ବିଜେଡ଼ି ଉପସଭାପତି ରୂପେ ମନୋନୀତ କରାଯାଇଛି। ସେହିପରି ବରିଷ୍ଠ ନେତା ରଘୁପତି ବିଶୋୟୀ ଏବଂ ଜୟଦେବ ହିଆଲଙ୍କୁ ଜିଲା ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇ ଥିବା ଲକ୍ଷ୍ମୀପୁର ବିଧାୟକ ପ୍ରତିନିଧି ନାରାୟଣ ବିଶୋୟୀ ସୂଚନା ଦେଇଛନ୍ତି।

## ବିକ୍ରମ ବ୍ଲକ ବିଜୁ ଯୁବ ଜନତା ସଭାପତି

କୁନ୍ଦୁରା,୨୮।୯ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ଭାବେ ବିକ୍ରମ ବେହେରା ମନୋନୀତ ହୋଇଛନ୍ତି। ସେ ପୂର୍ବରୁ କୁନ୍ଦୁରା ବ୍ଲକ ବିଜୁ ଜନତା ଦଳର ମିଡିଆ ସେଲ୍ ସଭାପତି ଥିଲେ। ଛାତ୍ର ସମୟରୁ ହିଁ ସେ ନେହେରୁ ଯୁବକେନ୍ଦ୍ରରେ କାର୍ଯ୍ୟ କରୁଥିବା ବେଳେ ଦଳର ବରିଷ୍ଠ ନେତା ସଞ୍ଜୟ ସାହୁ, ବୃନ୍ଦାବନ ମଲ୍ଲିକ ସହ ରହି ଛାତ୍ରମାନଙ୍କୁ ନେଇ ସଙ୍ଗଠନ ଗଢିଥିଲେ। ସେହିଭଳି ଭାବେ ଜିଲା ଉପ ସଭାପତି ଭାବେ ବ୍ଲକ ଯୁବ ବିଜୁ ଜନତା ଦଳ ସଭାପତି ରାମାକାନ୍ତ ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଛାତ୍ର ସଭାପତି ଶ୍ରୀତମ ପ୍ରଧାନ, ନିର୍ବଚନ ସମ୍ପାଦକ ସତ୍ୟରଞ୍ଜନ ରାୟ, ଜିଲା ଛାତ୍ର ସାଧାରଣ ସମ୍ପାଦକ ରୂପେ ଶିବାଶିଷ ମନୋନୀତ ହୋଇଛନ୍ତି। ନବନିର୍ବାଚିତ ଏହି ଯୁବ ନେତାମାନେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଅନ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ରାସ୍ତା ପ୍ରଶସ୍ତୀକରଣ ନେଇ ଜାଗା ଚିହ୍ନଟ

ନନ୍ଦାହାଣ୍ଡି,୨୮।୯(ଡି.ଏନ୍.ଏ.)

- ନବରଙ୍ଗପୁରରୁ ନନ୍ଦାହାଣ୍ଡି ଦେଇ ଇନ୍ଦ୍ରାବତୀକୁ ସଂଯୋଗ କରୁଥିବା ରାସ୍ତା
- ପ୍ରଥମ ପର୍ଯ୍ୟାୟରେ ୧୩ କି.ମି. ରାସ୍ତା ତିଆରି କରାଯିବ

ନବରଙ୍ଗପୁରରୁ ନନ୍ଦାହାଣ୍ଡି ବ୍ଲକ ମଧ ଦେଇ ଇନ୍ଦ୍ରାବତୀକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂର୍ତ୍ତ ବିଭାଗ ଏବଂ ରାଜସ୍ୱ ବିଭାଗର ମିଳିତ ତତ୍ତ୍ୱାବଧାନରେ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୩ କି.ମି. ରାସ୍ତା ତିଆରି କରାଯିବାର ଯୋଜନା ରହିଛି। ଏହି ରାସ୍ତା ନବରଙ୍ଗପୁରରୁ ଆରମ୍ଭ ହୋଇ ତୁରୁଞ୍ଜିଆଗୁଡା ଏବଂ ସିନ୍ଧିଗୁଡା ଦେଇ ଯାଉଥିବାରୁ ଏହି ଦୁଇଟି ଗାଁର ରାସ୍ତା ଓସାର କରିବା ପାଇଁ ଜାଗା ଚିହ୍ନଟ କରାଯାଇଛି। ପୂର୍ତ୍ତ ବିଭାଗ ଏଇ, ଜେଇ, ସିନ୍ଧିଗୁଡା ଆର୍‌ଆଇ ଦୀନକୃଷ୍ଣ ବେହେରା, ଆର୍‌ଆଇ ସୁପରଭାଇଜର ମହମ୍ମଦ ଜାବେଦ ଅଖତର, ଏଆର୍‌ଆଇ ନିରାକାର ସୌରା ରାସ୍ତାର ଦୁଇ ପାର୍ଶ୍ୱ ମାପି ଜାଗା ଚିହ୍ନଟ କରିଛନ୍ତି। ଏହାପରେ ଅତିଶୀଘ୍ର ରାସ୍ତା କାମ ଆରମ୍ଭ ହେବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ଦହଣା ଏବଂ ଦିଗିସଲପା ଦେଇ ଯାଉଥିବା ରାସ୍ତା ଚିହ୍ନଟ କରାଯିବ ବୋଲି ସୂଚନା ମିଳିଛି।


ଅଧିକାରୀମାନେ ରାସ୍ତା ପାଇଁ ଜାଗା ଦେଖୁଛନ୍ତି।

## ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଲଢ଼ିବାକୁ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ

ତେନ୍ତୁଳିଖୁଣ୍ଟି,୨୮।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରହଲ୍ଲାଦ ହିଆଲଙ୍କ ସଭାପତିତ୍ୱରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥିଭାବେ ପୂର୍ବତନ ବିଧାୟକ ଭୁଜବଳ ମାଝି ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କୁ ଦୋଳ ଗୋବିନ୍ଦ ସ୍ମୃତି ସମ୍ମାନ ମିଳି ଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ସେହିଭଳି ପିସିସି ସଭ୍ୟ ଭାବେ ମନୋନୀତ ହୋଇଥିବାରୁ ପାତ୍ରପୁଟ ପଞ୍ଚାୟତ ସମିତି ସଭ୍ୟ ଦିଲ୍ଲୀପ ପ୍ରଧାନୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗା ରତ୍ନଆମ୍ମା, ଜିଲା ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିର୍ମଳ କନ୍ଧପାନ, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ତ୍ରିପାଠୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ତୃଣମୂଳସ୍ତରରେ ପହଞ୍ଚି ଲୋକଙ୍କ ସମସ୍ୟା ସହ ଜଡ଼ିତ ହୋଇ ସମାଧାନ କରିବାକୁ ପୂର୍ବତନ ବିଧାୟକ ଭୁଜବଳ ମାଝି କର୍ମୀଙ୍କୁ ଆହ୍ୱାନ କରିଥିଲେ। ଜନତାଙ୍କ ସହ ସବୁବେଳେ ଜଡିତ ହୋଇ ରହିଲେ ଆମେ ପୂର୍ବ ଗୌରବ ଫେରି ପାଇବା ବୋଲି ପିସିସି ସଭ୍ୟ ଦିଲ୍ଲୀପ ପ୍ରଧାନୀ କହିଥିଲେ। ସଂଗ୍ରାମ ଆରମ୍ଭ ହୋଇଛି, ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ମିଶିକି ଲଢ଼ିବାକୁ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦଳର ଭୀମସେନ ପାଣିଗ୍ରାହୀ, ଦୁର୍ଲଭ କନ୍ଧ ଗୌଡ଼, ଚିଦାନନ୍ଦ ସାହୁ, ଅବଦୁଲ ଫିରୋଜ, ବସନ୍ତ ପାଣିଗ୍ରାହୀ,ତାଲବନ୍ଧୁ, ସୁନୀଲ ସିଂ,କିଶୋର ସିଂ ସମେତ ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ।


ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଆନ୍ତଃସ୍କୁଲ ଫୁଟ୍‌ବଲ ଚାମ୍ପିୟନଶିପ୍

ପାପଡ଼ାହାଣ୍ଡି,୨୮।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିସ୍ଥିତ ଦଳେଇଗୁଡ଼ା ଲାଲବାହାଦୁର ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ଆନ୍ତଃସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ବୀରେନ୍ଦ୍ର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ତହସିଲଦାର ଯୋଗେଶ୍ୱର ଭୋଇ, ପାପଡ଼ାହାଣ୍ଡି ସରପଞ୍ଚ ଚନ୍ଦ୍ରଶେଖର ମାଝି ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ। ପାପଡ଼ାହାଣ୍ଡି ବ୍ଲକର ୨୫ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଉକ୍ତ ଫୁଟ୍‌ବଲ ପ୍ରତିଯୋଗିତାରେ ଭାଗନେଇ ଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଦେବା ସହ ଉତ୍ତମ ଖେଳ ପ୍ରଦର୍ଶନ କରି ବିଦ୍ୟାଳୟ ଓ ଜିଲାର ନାଁ ରଖିବାକୁ ଅତିଥିମାନେ କହିଥିଲେ। ପନ୍ଦର ଜଣ ଛାତ୍ରୀ ଓ ପନ୍ଦର ଜଣ ଛାତ୍ରଙ୍କୁ ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଭାଗନେବାକୁ ଚୟନ କରାଯାଇଛି।

## କାଜୁଆଲଟି ବେଡ଼୍‌ରେ ସାରାରାତି ପଡ଼ିରହିଲା ମୃତଦେହ

ପଦ୍ମପୁର,୨୮।୯(ଡି.ଏନ୍.ଏ.)

**ଶବ ସଂରକ୍ଷଣ, ବ୍ୟବଚ୍ଛେଦ ଗୃହ ନାହିଁ**

ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ସଂରକ୍ଷଣ କିମ୍ବା ବ୍ୟବଚ୍ଛେଦ ଗୃହ ନାହିଁ। ଫଳରେ ଜଣେ ଦୁର୍ଘଟଣାଗ୍ରସ୍ତଙ୍କ ମୃତଦେହ ମଙ୍ଗଳବାର କାଜୁଆଲଟିରେ ସାରାରାତି ପଡ଼ି ରହିଥିଲା। ଏହାଦ୍ୱାରା ଅନ୍ୟ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜିଥିଲା। ସୂଚନା ଅନୁଯାୟୀ, ରାତିରେ ଭାମିନୀ ସ୍ଥିତ ପୋଲିସ ଆଇଆର୍‌ବି କ୍ୟାମ୍ପର ରୋଷେୟା ପୁରୁଷୋତ୍ତମ ତ୍ରିପାଠୀ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏଠାରେ ବ୍ୟବଚ୍ଛେଦ କିମ୍ବା ମୃତଦେହ ସଂରକ୍ଷଣର ସୁବିଧା ନ ଥିବାରୁ ମୃତଦେହ ଜରୁରୀକାଳୀନ ଚିକିତ୍ସା ବିଭାଗର ବେଡ୍‌ରେ ବୁଧବାର ସକାଳ ୮ ଟା ପର୍ଯ୍ୟନ୍ତ ପଡ଼ି ରହିଥିଲା। ଉଲ୍ଲେଖଯୋଗ୍ୟ, ପଦ୍ମପୁର ବ୍ଲକ, ରାମନାଗୁଡ଼ା ବ୍ଲକ ଏବଂ ଗୁଡ଼ାରୀ ଏନ୍‌ଏସି ଅଞ୍ଚଳବାସୀଙ୍କ ମୃତଦେହ ବ୍ୟବଚ୍ଛେଦ ଓ ସଂରକ୍ଷଣ ନିମନ୍ତେ ୨୦ କିମି ଦୂର ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ରାତିରେ କୌଣସି ମେଡିକାଲରେ ରୋଗୀଙ୍କ ମୃତ୍ୟୁ ହେଲେ ପରିବାର ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ତେଣୁ ଶୀଘ୍ର ପଦ୍ମପୁର ମେଡିକାଲରେ ଶବ ସଂରକ୍ଷଣ ଗୃହ କିମ୍ବା ବ୍ୟବଚ୍ଛେଦ ଗୃହ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ରାୟଗଡ଼ା ହସ୍ପିଟାଲକୁ ଗୁଣବତ୍ତା ନିଶ୍ଚିତତା ମାନକ ପ୍ରମାଣପତ୍ର

ରାୟଗଡ଼ା ଅଫିସ,୨୮।୯

**ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସର୍ବୋଚ୍ଚ**

ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣବତ୍ତା ବଜାୟ ରଖିଥିବାରୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜାତୀୟ ଗୁଣାବତ୍ତା ନିଶ୍ଚିତତା ମାନକ ପ୍ରମାଣପତ୍ର(ଏନ୍‌କ୍ୟୁଏଏସ୍) ମଙ୍ଗଳବାର ପ୍ରଦାନ କରାଯାଇଛି। ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରର ସର୍ବୋଚ୍ଚ ପ୍ରମାଣପତ୍ର। ଜିଲା ମୁଖ୍ୟ ଚିକିତ୍ସାଳୟ ୮୯ ପ୍ରତିଶତ ଅଙ୍କ ସହିତ ଗୁଣାବତ୍ତା ନିଶ୍ଚିତତା ମାନକ ପ୍ରମାଣପତ୍ର ପାଇଛି। ନିର୍ଦ୍ଧାରିତ ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ଏହି ସାର୍ଟିଫିକେଟ ୩ ବର୍ଷ ପାଇଁ ବୈଧ ରହିବ ବୋଲି ଜଣାପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ୧୪ ବିଭାଗ ଯଥା ଇନ୍‌ଡୋର, ଆଉଟଡୋର, ପ୍ରସବ କକ୍ଷ, ଅସ୍ତ୍ରୋପଚାର କକ୍ଷ, ମାତୃତ୍ୱ ଅସ୍ତ୍ରୋପଚାର କକ୍ଷ, ଶିଶୁ ବିଭାଗ, ପ୍ରସୂତି ବିଭାଗ, ରକ୍ତ ଭଣ୍ଡାର, ଔଷଧ ବିତରଣ ବିଭାଗ, ପରୀକ୍ଷାଗାର, ରେଡିଓଲୋଜି, ସାଧରଣ ପ୍ରଶାସନ, ପୁଷ୍ଟିବିକାଶ, ସ୍ୱତନ୍ତ୍ର ନବଜାତ ସେବାକେନ୍ଦ୍ରକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସର୍ବୋଚ୍ଚ ମାନଦଣ୍ଡ ପୂରଣ ପୂର୍ବକ ତଥା ରୋଗୀଙ୍କ ଅଧିକାରର ସୁରକ୍ଷା ଏବଂ ସଚେତନତା ସୃଷ୍ଟି କରିଥିବାରୁ ସେପ୍ଟେମ୍ବର ୨୭ ରେ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ଜିଲା ମୁଖ୍ୟ ଚିକିତ୍ସାଳୟର ଏହି ସଫଳତାରେ ଖୁସିବ୍ୟକ୍ତ କରିଛନ୍ତି। ଏନ୍‌କ୍ୟୁଏଏସ୍ ପ୍ରମାଣପତ୍ର ମୁଲ୍ୟାୟନର ଏକ ଅଂଶ ଭାବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମନୋନିତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଜୁଲାଇରେ ସମସ୍ତ ବିଭାଗକୁ ପ୍ରତ୍ୟକ୍ଷ ଭାବେ ମୁଲ୍ୟାଙ୍କନ କରାଯିବା ସହ ସମସ୍ତ ନଥିପତ୍ର ଯାଞ୍ଚ ପରେ ଏହି ପ୍ରମାଣପତ୍ର ପାଇଁ ଚୟନ କରାଯାଇଥିଲା ବୋଲି ସୂଚନା ମିଳିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କର୍ଯ୍ୟକ୍ରମ ପରିଚାଳକ ଜେ. ରାଜେଶ୍ୱର ରାୟ ପଟ୍ଟନାୟକ, ହସ୍ପିଟାଲ ମ୍ୟାନେଜର ସୌମ୍ୟରଞ୍ଜନ ସାହୁ ଏବଂ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଚିକିତ୍ସାଳୟର ସମସ୍ତ କର୍ମଚାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ଅଧିକାରୀଙ୍କ ନିରନ୍ତର ପ୍ରଚେଷ୍ଟା ଏବଂ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ବରଦାକାନ୍ତ ମିଶ୍ର କହିଛନ୍ତି। ସ୍ୱାସ୍ଥ୍ୟସେବା ବ୍ୟତୀତ ଭିତ୍ତିଭୂମିରେ ଉନ୍ନତି ଆଣି ମାତୃ ଓ ନବଜାତ ଶିଶୁର ମୃତ୍ୟୁହାର ହ୍ରାସ କରିବା ଦିଗରେ ମନ୍ତ୍ରଣାଳୟ ୩ ବର୍ଷ ହେଲା ନିରନ୍ତର ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରସବ ଗୃହ, ପ୍ରସବ ଅସ୍ତ୍ରୋପଚାର କକ୍ଷକୁ ଏଲ୍‌ଏକ୍ୟୁଏସ୍‌ଏଟ୍‌ୱାଇଏ ସାର୍ଟିଫିକେଟ ପ୍ରଦାନ କରିଆସିଛି। ଉଲ୍ଲେଖଯୋଗ୍ୟ, ରାୟଗଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର -୧ ମଧ ଜାତୀୟ ଗୁଣାବତ୍ତା ନିଶ୍ଚିତତା ମାନକ ପ୍ରମାଣପତ୍ର (ଏନ୍‌କ୍ୟୁଏଏସ୍) ପାଇଛି।

